
# ପିଲାଙ୍କ ଧରିତ୍ରୀ

ଶନିବାର, ୩୦ ମାର୍ଚ୍ଚ , ୨୦୧୯



ଆମ ଓଡ଼ିଶା ଆମ ଗୌରବ ୩

୮ ଆଇନା

୭ ଜଣା -ଅଜଣା

## ମତାମତ



- ଏଥର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ସମ୍ପୂର୍ଣ୍ଣ ହୋଲି ସମ୍ବନ୍ଧୀୟ ହୋଇଥିବାରୁ ବେଶ୍ ଭଲ ଲାଗୁଥିଲା ।
  **– ତନ୍ମୟ ରଥ, ଭାପୁର, ନୟାଗଡ଼**
- କୁନି କୁନି ପିଲାଙ୍କ ହୋଲି ପାଳନ ସମ୍ପର୍କରେ ପଢ଼ିଲି । ତୁମ ତୂଳୀରୁ ପୃଷ୍ଠାରେ ସମସ୍ତ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା ।
  **– ରଶ୍ମିତା ବଳ,ଲିଙ୍କ୍ ରୋଡ୍, କଟକ**
- ପୃଷ୍ଠା ୭ରେ ସ୍ଥାନିତ ରଙ୍ଗର ମହତ୍ତ୍ୱ ବିଷୟରେ ପଢ଼ି ବେଶ୍ ଭଲ ଲାଗିଲା ।
  **– ଦୀପିକା, ଐଶ୍ୱର୍ଯ୍ୟା,ଛେଣ୍ଡ,ରାଉରକେଲା**
- ବିଭିନ୍ନ ପରମ୍ପରାରେ ହୋଲି ବିଷୟରେ ପଢ଼ି ଅନେକ କଥା ଜାଣିବାକୁ ମିଳିଲା । ପୃଷ୍ଠା ୬ରେ ସ୍ଥାନିତ କବିତାଗୁଡିକ ଖୁବ୍ ହୃଦୟସ୍ପର୍ଶୀ ଥିଲା ।
  **– ମହେଶ୍ୱର ସାମଲ, ମଣ୍ଡାସାହି, ଜଗତ୍‌ସିଂହପୁର**

## ଖିଲି ଖିଲି ହସ

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚାରିଲେ–ଆଚ୍ଛା, ପିଣ୍ଟୁ ମରୁଭୂମିରେ ରହୁଥିବା ଗୋଟିଏ ପ୍ରାଣୀର ନାମ କହିଲ ?
ପିଣ୍ଟୁ: ସାର୍, ଓଟ ।
ଶିକ୍ଷକ: ଆଉଗୋଟେ ପ୍ରାଣୀର ନାମ କହିଲୁ ?
ପିଣ୍ଟୁ: ସାର୍ ଆଉ ଗୋଟେ ଓଟ ।

ଗୋପାଳ ଦିନେ ରାତିରେ ହରି ଘରେ ରହିଯାଇଥିଲା । ସକାଳୁ ଉଠି ଗୋପାଳ ହରିକୁ କହିଲା–ଭାଇ ଟିକେ ଲୁଣ ଦେବୁ !
ହରି: ତୋର ସକାଳୁ ଲୁଣ କ'ଣ ଦରକାର ?
ଗୋପାଳ: ଟୁଥ୍‌ପେଷ୍ଟ ଉପରେ ଲୁଣ ପକାଇବାର ଅଛି
ହରି: କିନ୍ତୁ ,କାହିଁକି ?
ଗୋପାଳ: ତୁ ଟିଭି ଦେଖୁନୁ କି ? ସେଥିରେ ବା କୁହନ୍ତି ଟୁଥ୍‌ପେଷ୍ଟରେ ଲୁଣ ଲଗାଇ ଦାନ୍ତ ସଫା କଲେ ଏହା ମଜଭୁତ ହୋଇଥାଏ ।

ମୋନୁ: ବହୁତ ଜୋର୍‌ରେ ବର୍ଷା ସହିତ ପବନ ହେଉଛି ଏହାର ଭବିଷ୍ୟତ କାଳ କ'ଣ ହେବ ?
ସୋନୁ: ....ଏବେ କରେଣ୍ଟ ପଳାଇବ ।

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**
dharitrifeature@gmail.com

## ବିନ୍ଦୁ ଯୋଡ଼



## ଗପ

# ଆମେ ଓଡ଼ିଆ, ଭାରି ବଢ଼ିଆ



ଶ୍ୟାମବାବୁଙ୍କ ଦୁଇ ପୁଅ ବିଦେଶରେ ଚାକିରି କରନ୍ତି। ସେଥିପାଇଁ ଗଲା ୧୦ ବର୍ଷ ହେଲା ଦୁହେଁ ଘରକୁ ବି ଆସିନାହାନ୍ତି । ଏନେଇ ଶ୍ୟାମବାବୁ ସବୁବେଳେ ମନ ଦୁଖରେ ରୁହନ୍ତି । ପୁଅ ବୋହୂଙ୍କୁ ପାଖରେ ନ ପାଇ ପୁଅକୁ ବିଦେଶ ପଠାଇଛନ୍ତି ବୋଲି ଅନେକ ଅନୁତାପ ବି କରନ୍ତି । ହେଲେ କ'ଣ ବା କରିବେ ପୁଅମାନେ ତ ବିଦେଶରେ ରହି ପାଠ ପଢିଲେ , ଏଣେ ବିଦେଶରେ ଉଚ୍ଚ ବେତନରେ ଚାକିରି ନ କରି ଓଡିଶାରେ ବା କ'ଣ କରିବେ ! ତେବେ ପୁଅମାନେ ଓଡିଶାରେ ରୁହନ୍ତୁ କି ବିଦେଶରେ, ହେଲେ ନିଜ ମାଟି ଓ ମାତୃଭାଷାକୁ ତ ମନେରଖିବା ଉଚିତ । କିନ୍ତୁ ସେତକ ବି ହେଉନି , ବରଂପୁଅମାନେଓଡିଆଭାଷାକୁପୂରାଭୁଲିଗଲେଣି। ଶ୍ୟାମବାବୁଙ୍କ ସହ ପୁଅ ବୋହୂ ଓ ନାତିନାତୁଣୀ ମାନେ କେହି ବି ଫୋନ୍ ରେ ଓଡିଆରେ କଥା ହୁଅନ୍ତି ନାହିଁ । ଏହା ଶ୍ୟାମବାବୁଙ୍କୁ ଖୁବ୍ କଷ୍ଟ ଦିଏ । କାରଣ ଶ୍ୟାମ ବାବୁ ହେଉଛନ୍ତି ଜଣେ ଖାଣ୍ଟି ଓଡିଆ ଲୋକ । ଓଡିଶାର ସଂସ୍କୃତି ଓ ପରମ୍ପରାକୁ ସେ ଖୁବ୍ ଭଲପାଆନ୍ତି । ନିଜ ଚାକିରି ଜୀବନରେ ସେଥପାଇଁ ସେ ଖୁବ୍ ସାଲିସ୍ ମଧ୍ୟ କରଛନ୍ତି । ବିଦେଶରୁ ଉଚ୍ଚବେତନରେ ଚାକିରି ଛାଡି ଓଡିଶାକୁ ଫେରି ଆସିଛନ୍ତି । ଏଣୁ ଏମିତି ସ୍ଥିତିରେ ଶ୍ୟାମବାବୁଙ୍କ ପରପିଢି ଯେ ଓଡିଆ ଚାଲିଚଳନୀ ଠାରୁ ଦୂରେଇଯିବେ, ଏହା ଶ୍ୟାମବାବୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ସେଥିପାଇଁ ବହୁ ଚିନ୍ତା କରିବା ପରେ ବିଦେଶରେ ଥିବା ପୁଅ ବୋହୂଙ୍କ ପାଖକୁ ଯିବାକୁ ଶ୍ୟାମବାବୁ ସ୍ଥିର କଲେ । ସେଠାରେ ପୁଅ ବୋହୂ ଓ ନାତି ନାତୁଣୀଙ୍କୁ ଓଡିଆ ଘରର ଚାଲିଚଳଣୀ ଓ ରୀତିନୀତି ବିଷୟରେ ଶିଖେଇ ସେମାନଙ୍କୁ ଓଡିଶା ଫେରାଇ ଅଣିବାକୁ ମନସ୍ଥ କଲେ । ଏଥିପାଇଁ ଭଳିକିଭଳି ଓଡିଆ ପିଠାପଣା ସାଙ୍ଗକୁ ନାତି ନାତୁଣୀଙ୍କ ପାଇଁ ରସଗୋଲା ପ୍ୟାକେଟ୍ ଧରି ସୁଦୂର ଆମେରିକାରେ ଥିବା ପୁଅ ବୋହୂଙ୍କ ଘରେ ପହଞ୍ଚିଲେ । ପୁଅ ବୋହୂ ଶ୍ୟାମବାବୁଙ୍କୁ ଦେଖି ଖୁସି ହୋଇଗଲେ । ହ୍ୟାଲୋ ହାଏ କହି ପୁଅ ବୋହୂ ତାଙ୍କୁ ଘରଭିତର ପାଛୋଟି ନେଲେ । ହେଲେ , ଓଡିଆ ରୀତିନୀତି ଅନୁସାରେ ପୁଅବୋହୂ ତାଙ୍କୁ ପାଦଛୁଇଁ ପ୍ରଣାମ ନ କରିବାରୁ ଶ୍ୟାମବାବୁଙ୍କ ମନ ଖୁବ୍ ଦୁଃଖି ହେଲା । ତଥାପି ଶ୍ୟାମବାବୁ ପୁଅ ବୋହୂଙ୍କୁ କିଛି କହିଲେ ନାହିଁ , ବରଂ ସାଙ୍ଗରେ ନେଇଥିବା ସ୍ୱାଦିଷ୍ଟ ପିଠା ପଣା ଓ ରସଗୋଲା ସବୁ ସମସ୍ତଙ୍କୁ ଖାଇବାକୁ ଦେଲେ । ପୁଅ ବୋହୂ ବାପାଙ୍କ ହାତ ତିଆରି ସ୍ୱାଦିଷ୍ଟ ପିଠା ଖାଇ ଖୁବ୍ ଖୁସିହେଲେ । ଏଣେ ଶ୍ୟାମବାବୁ ଚାଲାକିର ସହ ବୋହୂମାନଙ୍କୁ ଏମିତି ସବୁ ଓଡିଆ ଘରର ସ୍ୱାଦିଷ୍ଟ ପିଠା କରିବା ଆସେ କି ନାହିଁ ବୋଲି ପଚାରିଲେ । ଯଦି ତାଙ୍କ ଠାରୁ କିଏ ଏହି ସ୍ୱାଦିଷ୍ଟ ପିଠା ସବୁ ଶିଖିବ , ତେବେ ଏମିତି ସ୍ୱାଦିଷ୍ଟ ପିଠାପଣା କରିବା ଶିଖାଇଦେବେ ବୋଲି କହିଲେ । ହେଲେ ପୂର୍ବରୁ ଏଭଳି ସ୍ୱାଦିଷ୍ଟ ପିଠାପଣା କରିବା ବୋହୂମାନେ ଆଦୌ ଶିଖି ନ ଥିବାରୁ ଦୁଇ ବୋହୁଙ୍କ ଭିତରେ ଉତ୍ସାହ ବଢିଲା । ସେମାନେ ଏମିତି ପିଠାପଣା ଶିଖିବାକୁ ଆଗ୍ରହ ପ୍ରକାଶ କଲେ । ଏହା ପରଠାରୁ ଶ୍ୟାମବାବୁ ଗୋଟି ଗୋଟି କରି ମଣ୍ଡା , ଆରିସା , ପୋଡପିଠା ଆଦି ଓଡ଼ିଆ ଘରର ସବୁ ପିଠା ପଣା ଶିଖାଇଲେ । ଖାଲି ପିଠାପଣା ନୁହଁ ବରଂ ଓଡିଆ ଘରର ସବୁ ଖାଦ୍ୟପେୟ ପ୍ରସ୍ତୁତି ଏବଂ ଓଡିଆ ଘରେ ବୋହୂ ମାନଙ୍କର ଚାଲିଚଳଣୀ ଓ ରୀତିନୀତି ବିଷୟରେ ଶିଖାଇଦେଲେ । ଆସ୍ତେ ଆସ୍ତେ ବୋହୂ ମାନେ ନିଜ ଚାଲିଚଳଣୀରେ ପରିବର୍ତ୍ତନ ଆଣି ଓଡିଆ ଘରର ପରମ୍ପରା ଓ ଖାଦ୍ୟପେୟକୁ ଆଦରି ନେଲେ । ଅନ୍ୟପକ୍ଷେ ଶ୍ୟାମବାବୁ ରସଗୋଲା ଦେଇ ନାତିନାତୁଣୀଙ୍କୁ ଓଡ଼ିଆ ଲୋକକଥା ଓ ଓଡ଼ିଆ ଗପଗୀତ ସବୁ ଶିଖାଇଲେ । ଗୁରୁଜନଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରିବା , ସକାଳୁ ଉଠି ନିଜେ ନିଜର ନିତ୍ୟକର୍ମ କରିବା ଆଦି ବହୁ କଥା ନାତିନାତୁଣୀଙ୍କୁ ଖୁବ୍ ପ୍ରଭାବିତ କଲା । ଦିନେ ହଠାତ୍ ସ୍କୁଲ୍‌କୁ ଗଲାବେଳେ ବାପାଙ୍କ ପାଦଛୁଇଁ ନାତିନାତୁଣିମାନେ ପ୍ରଣାମ କଲେ । ଏହା ଦେଖି ଶ୍ୟାମବାବୁଙ୍କୁ ଖୁବ୍ ଖୁସି ଲାଗିଲା । ଏହିଭଳି ଆସ୍ତେ ଆସ୍ତେ ଶ୍ୟାମବାବୁ ନିଜ ପରପିଢିଙ୍କୁ ଓଡିଆ ଘରର ଚାଲିଚଳଣୀ ଓ ରୀତିନୀତି ଆଦି ସବୁ ଶିଖାଇଦେଲେ । ନିଜ ପରିବାରକୁ ଆସ୍ତେ ଆସ୍ତେ ଖାଣ୍ଟି ଓଡିଆ ପରିବାର ବନାଇଦେଲେ । ଶେଷରେ ନିଜର ଲକ୍ଷ୍ୟରେ ସଫଳ ହୋଇ ନିଜର ଦାୟିତ୍ୱ ପୂରା କରିଥିବାରୁ ଶ୍ୟାମବାବୁ ଖୁସିହୋଇ ଓଡିଶା ଫେରିବାକୁ ବାହାରିଲେ । ହେଲେ ଏଥର ଫେରିବା ବେଳେ ତାଙ୍କୁ ପୂର୍ବପରି କେହି ହ୍ୟାଲୋ ହାଏ କହିଲେ ନାହିଁ ବରଂ ପୁଅବୋହୂ ଓ ନାତିନାତୁଣୀ ସମସ୍ତେ ପାଦ ଧରି ତାଙ୍କର ଆଶୀର୍ବାଦ ନେଲେ । ଏହା ଦେଖି ଲୁହ ଛଳ ଛଳ ଆଖିରେ ଶ୍ୟାମବାବୁ କହିଲେ – ସତରେ , ଆମେ ଓଡ଼ିଆ , ଭାରି ବଢ଼ିଆ ।

**– ଶିବରାମ ମହାପାତ୍ର**
ମହିତମା , କୋରଡା , ନୟାଗଡ

## ଚଗଲା ଭୀମୁ





ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

# ଆମ ଓଡ଼ିଶା

## ଆମ ଗୌରବ



୧୯୩୬ ମସିହା ଏପ୍ରିଲ ୧ ତାରିଖ। ସେ ଦିନ ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶୁଭ ଅବସର। ତେଣୁ ଏହି ଦିନକୁ ସମ୍ମାନ ଦେବାକୁ ଯାଇ ପ୍ରତ୍ୟେକ ବର୍ଷ ଏପ୍ରିଲ ୧ ତାରିଖକୁ ଉତ୍କଳ ଦିବସ ରୂପେ ପାଳନ କରାଯାଇଥାଏ। ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସାରା ବିଶ୍ୱରେ ବିଖ୍ୟାତ । କେବଳ ସେତିକି ନୁହେଁ ଏଠାକାର ପର୍ବପର୍ବାଣି, ହସ୍ତକଳା, ପାରମ୍ପରିକ ଖାଦ୍ୟପେୟ, ପର୍ଯ୍ୟଟନ ସ୍ଥଳୀ ଆଦି ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି...




### ମନ୍ଦିରମାଳିନୀ ଆମ ଓଡ଼ିଶା

* ଶ୍ରୀଜଗନ୍ନାଥ ମନ୍ଦିର- ପୁରୀ
* କୋଣାର୍କ ମନ୍ଦିର- କୋଣାର୍କ
* ଲିଙ୍ଗରାଜ ମନ୍ଦିର- ଭୁବନେଶ୍ୱର
* ଆଖଣ୍ଡଳମଣି- ଭଦ୍ରକ
* ବଳଦେବଜୀଉ- କେନ୍ଦ୍ରାପଡ଼ା
* ଅଲାରନାଥ- ପୁରୀ
* ଗୋପୀନାଥ- ସାକ୍ଷୀଗୋପାଳ
* ଶାରଳା ମନ୍ଦିର- ଜଗତ୍‌ସିଂହପୁର
* ଚର୍ଚ୍ଚିକା ମନ୍ଦିର- ବାଙ୍କୀ
* ବିରଜା ମନ୍ଦିର- ଯାଜପୁର
* ରାଜାରାଣୀ ମନ୍ଦିର- ଭୁବନେଶ୍ୱର
* କେଦାରଗୌରୀ ମନ୍ଦିର- ଭୁବନେଶ୍ୱର
* ଭଗବତୀ ମନ୍ଦିର- ବାଣପୁର
* ବରୁଣେଇ ମନ୍ଦିର- ଖୋର୍ଦ୍ଧା
* ନୀଳମାଧବ ମନ୍ଦିର- କଣ୍ଟିଲୋ
* ମୁକ୍ତେଶ୍ୱର ମନ୍ଦିର- ଭୁବନେଶ୍ୱର
* ତାରାତାରିଣୀ ପୀଠ- ଗଞ୍ଜାମ
* ହରିଶଙ୍କର- ବଲାଙ୍ଗୀର
* କପିଳାସ ମନ୍ଦିର- ଢେଙ୍କାନାଳ
* ପଞ୍ଚଲିଙ୍ଗେଶ୍ୱର- ବାଲେଶ୍ୱର
* ଲଡୁବାବା ମନ୍ଦିର- ନୟାଗଡ଼
* ଗୁପ୍ତେଶ୍ୱର- କୋରାପୁଟ
* ବିରୁପାକ୍ଷ ମନ୍ଦିର- କନ୍ଧମାଳ
* ଧବଳେଶ୍ୱର- କଟକ
* ସମଲେଶ୍ୱରୀ ମନ୍ଦିର- ସମ୍ବଲପୁର
* ଘଟଗାଁ ତାରିଣୀ- କେନ୍ଦୁଝର
* ନୃସିଂହନାଥ- ବରଗଡ
* ମାଣିକେଶ୍ୱରୀ- କଳାହାଣ୍ଡି
* ଚଉଷଠୀ ଯୋଗିନୀ- ଖୋର୍ଦ୍ଧା
* ରାମଚଣ୍ଡୀ- ପୁରୀ

### ପ୍ରକୃତିର ଗନ୍ତାଘର

* ଚିଲିକା
* ଭିତରକନିକା
* ଗହୀରମଥା
* ଶିମିଳିପାଳ
* ଟିକରପଡ଼ା
* ସାତ କୋଶିଆ
* ସାତପଡ଼ା
* ବରେହିପାଣି ଜଳପ୍ରପାତ
* ଖଣ୍ଡାଧାର
* ହୀରାକୁଦ
* ମାଛକୁଣ୍ଡ
* ଖଣ୍ଡଗିରି
* ଉଦୟଗିରି
* ଧଉଳି ଶାନ୍ତି ସ୍ତୂପ
* ନନ୍ଦନକାନନ
* ଦାରିଙ୍ଗବାଡ଼ି
* ଜିରାଙ୍ଗ
* ଅଂଶୁପା
* ଦେଓମାଳି
* ଗନ୍ଧମାର୍ଦ୍ଦନ
* ଗୋନାସିକା
* ଢୁଡୁମା
* ତପ୍ତପାଣି

### ଖାଦ୍ୟର ଭଣ୍ଡାର

* ଛେନାପୋଡ଼
* ରସଗୋଲା
* ଛେନାଝିଲି
* ରସାବଳି
* ପୋଡ଼ପିଠା
* ଚକୁଳି ପିଠା
* ଡାଲମା
* ମହୁର
* ପଖାଳ
* ଘାଣ୍ଟ
* ବେସର
* ଖଜା
* ଗଜା
* ଆରିସା ପିଠା
* କାକରା ପିଠା
* ଏଣ୍ଡୁରି ପିଠା
* ମଣ୍ଡାପିଠା
* ଛତୁ ରାଇ
* ମାଛ ବେସର
* ବଡ଼ିଚୂରା
* ଆମ୍ବୁଲ ରାଇ
* ଖେଚୁଡ଼ି

### ଓଡ଼ିଶାର ଲୋକନୃତ୍ୟ

* ସମ୍ବଲପୁରୀ---------ସମ୍ବଲପୁର
* ଛଉ ନୃତ୍ୟ----------ମୟୂରଭଞ୍ଜ
* ଘୁମୁରା----------କଳାହାଣ୍ଡି
* ଗୋଟିପୁଅ---------ପୁରୀ
* ବାଘନାଚ-------ସୋନପୁର, ବ୍ରହ୍ମପୁର
* ଡାଲଖାଇ-----ସମ୍ବଲପୁର, ବଲାଙ୍ଗୀର, ବରଗଡ, ସୁନ୍ଦରଗଡ, କଳାହାଣ୍ଡି
* ଦଣ୍ଡନାଚ----------ବ୍ରହ୍ମପୁର
* ଧାପ ନୃତ୍ୟ- -------ସମ୍ବଲପୁର
* ରଣପା ନୃତ୍ୟ-------ଗଞ୍ଜାମ
* ଯୋଡ଼ି ଶଙ୍ଖ------ ଗଞ୍ଜାମ
* ପାଇକ ନୃତ୍ୟ------ ଖୋର୍ଦ୍ଧା

### ପର୍ବପର୍ବାଣି ଏବଂ ଯାନିଯାତ୍ରା

* ରଥଯାତ୍ରା
* ଧନୁଯାତ୍ରା
* ବାଲିଯାତ୍ରା
* ଦୁର୍ଗାପୂଜା
* ରଜପର୍ବ
* ଦୋଳଯାତ୍ରା
* ହୋଲି
* ମହାବିଷୁବ ସଂକ୍ରାନ୍ତି
* ନୂଆଖାଇ
* କୁମାର ପୂର୍ଣ୍ଣମୀ
* କାର୍ତ୍ତିକ ପୂର୍ଣ୍ଣମୀ
* ଦୀପାବଳୀ
* ପ୍ରଥମାଷ୍ଟମୀ
* ବସନ୍ତପଞ୍ଚମୀ
* ମହାଶିବରାତ୍ରୀ
* ଗଣେଶ ଚତୁର୍ଥୀ
* ଗଜଲକ୍ଷ୍ମୀ ପୂଜା
* ଶୀତଳଷଷ୍ଠୀ
* ଜନ୍ମାଷ୍ଟମୀ
* ଅକ୍ଷୟ ତୃତୀୟା
* ଶାମ୍ବ ଦଶମୀ
* ଚନ୍ଦନ ଯାତ୍ରା
* ମକର ସଂକ୍ରାନ୍ତି
* ଗୋଷାଣି ଯାତ୍ରା
* ଠାକୁରାଣୀ ଯାତ୍ରା

### ହସ୍ତକଳା

* ପଟ୍ଟଚିତ୍ର
* ପଥର ଖୋଦେଇ
* ଚାନ୍ଦୁଆ
* ରୁପା ତାରକସୀ କାମ
* ବାଲୁକା କଳା
* ଶାମୁକା ଶିଳ୍ପ
* ପିତ୍ତଳ ଡୋକ୍ରା କଳା
* ଶିଙ୍ଘ କାମ
* ତାଳପତ୍ର ଖୋଦେଇ
* ନଡ଼ିଆକତା କାମ
* ଟେରାକୋଟା
* ବେତ କାମ
* ଲାଖ କାମ








୧




୨





୩



୪




୫



୬




୭



୮

୧

ଅକ୍ଷଧା ମୁଣ୍ଡାରି
କ୍ଲାସ – ୬,
ଶ୍ରୀ ଅରବିନ୍ଦ
ରାଉରକେଲା ସ୍କୁଲ,
ରାଉରକେଲା

୨

ମନସ୍ୱିନୀ ସାହୁ
କ୍ଲାସ – ୮,
କେନ୍ଦ୍ରୀୟ ବିଦ୍ୟାଳୟ,
ଭଦ୍ରକ

୩

ଅନୁଷ୍କା ବେଉରା
କ୍ଲାସ – ୪,
ସେଣ୍ଟ୍ ଜୋସେଫ୍
ହାଇସ୍କୁଲ,
ଭୁବନେଶ୍ୱର

୪


ମେହେକ ହୋତା
କ୍ଲାସ – ୨,
ଦୀପ୍ତି କନ୍‌ଭେଣ୍ଟ୍
ସ୍କୁଲ, ଜୟପୁର

୫

ସୁବ୍ରତ ମହାପାତ୍ର
କ୍ଲାସ –୭,
ଚିନ୍ମୟ ବିଦ୍ୟାଳୟ,
ଛେଣ୍ଡ୍, ରାଉରକେଲା

ସାଇ ସୋହମ୍ ପ୍ରଧାନ
କ୍ଲାସ –୫,
ମିଲିଟାରୀ ଇଂଲିଶ
ମିଡିୟମ୍ ସ୍କୁଲ,
ସାକ୍ଷୀଗୋପାଳ, ପୁରୀ

୬

ଶ୍ରେୟାଂଶୁ ହୋତା
କ୍ଲାସ – ୧,
ସାରସ୍ୱତ ବାଲ୍ ମନ୍ଦିର,
ଜୟପୁର

୭

ଚନ୍ଦ୍ରାଦିତ୍ୟ ସାହୁ
କ୍ଲାସ –୩,
କେନ୍ଦ୍ରୀୟ ବିଦ୍ୟାଳୟ,
ରାୟଗଡା

୮

ନିକିତା ପ୍ରଧାନ
କ୍ଲାସ–୧,
ଫ୍ୟୁଚର ଭୁବନେଶ୍ୱର
ସ୍କୁଲ,
ଭୁବନେଶ୍ୱର


୯

ପ୍ରତ୍ୟୁଷ ହୋତା
କ୍ଲାସ –୬,
ଦୀପ୍ତି କନ୍‌ଭେଣ୍ଟ୍
ସ୍କୁଲ,
ଜୟପୁର

୧୦



୯




୧୦



# କ ବି ତା

## ଜୟ ଉତ୍କଳ

**ଜ**ନ୍ମଦିନର ଶୁଭେଚ୍ଛା ତୁମକୁ
ଏ ଜନ୍ମଭୂମି ମୋ ଓଡ଼ିଶା,
ଶତଶତ ନମନ କରେ ତୋ ମାଟିକୁ
ଗର୍ବିତ ମୁଁ ଓଡ଼ିଆ ।
ତୁମ କଳେବର ମଣ୍ଡିତ ଯହିଁ
ଉନ୍ନତ କଳା-ଭାସ୍କର୍ଯ୍ୟେ
ଏ ସ୍ୱନକ୍ଷତ୍ରେ, ପବିତ୍ର ତିଥିରେ
ତୁମ ଗାଥା ଗାଏ ମୁଁ ଓଡ଼ିଆ
ଉଚ୍ଚକୋଟୀର ଭାଷା ଓ ସାହିତ୍ୟ
ନିଆରା ଯାହାର ପରମ୍ପରା
ଓଡ଼ିଶୀ ଯେଉଁଠି ଶାସ୍ତ୍ରୀୟ ନୃତ୍ୟ
ସ୍ୱତନ୍ତ୍ର ଶାସ୍ତ୍ରୀୟ ମୋ ଭାଷା ଓଡ଼ିଆ ।
ଜଗତର ନାଥ ପ୍ରଭୁ ଜଗନ୍ନାଥ
ବାସ କରନ୍ତି ଏ ଉତ୍କଳେ,
ତାଙ୍କରି ଆଶିଷେ ସମୃଦ୍ଧ କରି ଗଢ଼ି ତୋଳିବ
ସଂକଳ୍ପବଦ୍ଧ ପ୍ରତିଟି ଏ ଓଡ଼ିଆ ।
ଜୟ ଉତ୍କଳ, ଜୟ ଓଡ଼ିଶା
ଜୟ କଳିଙ୍ଗ ମୂର୍ଚ୍ଛନା ଯାଉ ଭେଦି
ତୁମରି ପଦ ବନ୍ଦନା ଗାଏ
ଆଜି ଏ ପରିଚୟ ଦିବସେ
ଆଜି ଏ ଉତ୍କଳ ଦିବସେ ।

**– ସୁଜାତା ପଟ୍ଟନାୟକ**
*କଳିଙ୍ଗ ବିହାର, ଛେଣ୍ଡ କଲୋନୀ, ରାଉରକେଲା*



## ବୀରମାଟି

**ପ**ତିତପାବନୀ ଗଙ୍ଗାନଦୀଠାରୁ
ଗୋଦାବରୀ ନଦୀ ଛୁଇଁ
ବିଶାଳ ପ୍ରଦେଶ ଓଡ଼ିଶା ଭୂଖଣ୍ଡ
ବ୍ୟାପୀ ରହିଥିଲା ଯହିଁ ।
ବିଦେଶୀ ଶାସନେ ଇଂରେଜ ଶାସକ
କରିଲେ ଉତ୍କଳ ଛିନ୍ନ
ଗଞ୍ଜାମ ଜିଲା ବି ଆନ୍ଧ୍ରରେ ମିଶାଇ
କରିଦେଇଥିଲେ ଭିନ୍ନ ।
ଶିକ୍ଷାୟତନରେ ସରକାରୀ କାର୍ଯ୍ୟେ
ଓଡ଼ିଆ ବିଲୋପ କରି
ବଦଳରେ ହିନ୍ଦୀ ବଙ୍ଗଳା ଭାଷାକୁ
ଚକ୍ରାନ୍ତେ ଦେଲେ ଭରି ।
ଦେଖି ଏ ଦୁର୍ଦ୍ଦଶା ଉତ୍କଳ ପୁତ୍ର ଯେ
ଏକତ୍ର ହୋଇଲେ ସର୍ବେ
ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନେ
ଲାଗିଲେ ଜାତୀୟ ଗର୍ବେ ।
ଗଢ଼ିଲେ ଉତ୍କଳସମ୍ମିଳନୀ ଏକ
ବାରମ୍ବାର କଲେ ସଭା
ମୋଗଲ, ଇଂରେଜ ଶାସକ ଦଳକୁ
ଜାତି ପ୍ରେମେ କଲେ କାବା ।
ଉଣେଇଶ ଶହ ଛତିଶ ମସିହା
ଏପ୍ରିଲ ପହିଲା ଦିନ
ସାତୋଟି ଅଞ୍ଚଳ ନେଇ ଏ ଓଡ଼ିଶା
ପାଇଲା ସ୍ୱତନ୍ତ୍ର ମାନ ।
ବୀର ପ୍ରସବିନୀ ଉତ୍କଳ ଜନନୀ
କେତେ ବରପୁତ୍ର ପାଇଁ
ଫେରି ସେ ପାଇଲା କିଛି ଅଂଶ ନିଜ
ଆହୁରି ରହିଛି କାହିଁ ।
ସେଇ ଜନନୀର ସନ୍ତାନ ତୁମେରେ
ଉତ୍କଳର ଶିଶୁବୀର
ମଧୁବାବୁ ସମ ବରପୁତ୍ରଙ୍କର
ତୁମେ ଅଟ ବଂଶଧର ।
ଜଗନ୍ନାଥ ଦେଶ ତୁମର ଜାଣିଲେ
ବିଶ୍ୱବାସୀ କହେ ଧନ୍ୟ
ଜାତିର ଗୌରବେ ଚାଲୁଥା ଗରବେ
ହେ ବୀରମାଟି ସନ୍ତାନ ।
ବିପନ୍ନତା ସତ୍ତ୍ୱେ ଓଡ଼ିଆ ଭାଷାଟି
ବିଲୁପ୍ତ ନ ହୋଇ ଯାଉ
କ୍ଷମତାସମ୍ପନ୍ନ କରିଥିବା ଭାଷା
ଐତିହ୍ୟ ହଜି ନ ଯାଉ ।

**– ସବିତା ମଞ୍ଜରୀ ଦାଶ**
ସେକ୍ଟର-୯, ସିଡିଏ, କଟକ



## ଏଥର ପ୍ରଶ୍ନ





- ଓଡ଼ିଶା କେବେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ?
- ପାଇକ ବିଦ୍ରୋହ କେବେ ହୋଇଥିଲା ?
- କୋରାପୁଟର କେଉଁ ଆଦିବାସୀ ନେତା ଇଂରେଜ ସରକାରଙ୍କ ବିରୋଧରେ ଲଢେଇ କରି ଶହୀଦ ହୋଇଥିଲେ ?
- ଉତ୍କଳ ସମ୍ମିଳନୀ କିଏ ପ୍ରତିଷ୍ଠା କରିଥିଲେ ?
- ଓଡ଼ିଶାର କେଉଁ ସ୍ଥାନରେ ଲବଣ ସତ୍ୟାଗ୍ରହ ହୋଇଥିଲା ?


## ଆରଥରର ଉତ୍ତର


- ଫାଲଗୁନ
- ଦୋଳପୂର୍ଣ୍ଣିମା
- ହୋଲିକା
- ରାଧା-କୃଷ୍ଣ
- ହିରଣ୍ୟକଶିପୁ


## ଆ ସ ଚି ହ୍ନି ବା


୧


୨


୩


୪


୫


୬

## ଜଣା ଅଜଣା




ଖ୍ରୀଷ୍ଟପୂର୍ବ ୮୦୦୦ ରୁ ୫୦୦୦ ମଧ୍ୟରେ ପେରୁ ଏବଂ ବଲିଭିଆର କେତେକ ଅଞ୍ଚଳରେ ସର୍ବପ୍ରଥମେ ଆଳୁ ଚାଷ କରାଯାଇଥିଲା।



ଥଣ୍ଡା ପାଣି ଅପେକ୍ଷା ଗରମ ପାଣି ଶୀଘ୍ର ବରଫରେ ପରିଣତ ହୋଇଥାଏ।






ଓସ୍ମିୟମ୍ ଏବଂ ପ୍ଲୁଟୋନିୟମ ହେଉଛି ପୃଥିବୀର ସବୁଠାରୁ ଭାରି ଧାତୁ।




ପୃଥିବୀରେ ପ୍ରାୟ ୮୦ ହଜାର ପ୍ରଜାତିର ଖାଦ୍ୟ ଉପଯୋଗୀ ଉଦ୍ଭିଦ ରହିଛି।





**ବିଚିତ୍ର ବୈଜ୍ଞାନିକ**

# ରାଗ ହେତୁ ନାକ କଟିଲା

ରାଗର ପରିଣାମ ସବୁ ବେଳେ ମନ୍ଦ ବୋଲି କୁହାଯାଏ। ରାଗୁଥିବା ଲୋକର ହିଁ ଏହା ବେଶି କ୍ଷତିକରେ । କାରଣ, ସେ ସମୟରେ ମନ ବିକ୍ଷୁବ୍ଧ ଥିବାରୁ ବିଚାର ବୁଦ୍ଧି ହଜି ଯାଇଥାଏ। ଏଣୁ ଠିକ୍ ନିଷ୍ପତ୍ତି ନେବା କଷ୍ଟକର ହୁଏ । ଏହି ଭଳି ଏକ ଅବସ୍ଥାର ଶିକାର ହୋଇଥିଲେ ଡେନମାର୍କର ସୁପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ ଟ୍ରାକେ ବ୍ରାହେ । ବିଜ୍ଞାନର ସେ ଥିଲେ ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା। ସେଥିପାଇଁ ଆମ ପଠାଣି ସାମନ୍ତଙ୍କୁ ତାଙ୍କ ସହିତ ତୁଳନା କରାଯାଏ । ଏପରିକି ବିଶ୍ୱ ବିଖ୍ୟାତ ବିଜ୍ଞାନ ପତ୍ରିକା 'ସାଇନ୍ସ' ଏକଦା ତାଙ୍କୁ ' ପ୍ରାଚ୍ୟ ଜଗତର ଟ୍ରାକେ ବ୍ରାହେ' ବୋଲି ନାମିତ କରିଥିଲା।

ବ୍ରାହେ ଥିଲେ ଅତି ଧୈର୍ଯ୍ୟବାନ, ଶାନ୍ତ ଏବଂ ଧୀର ସ୍ୱଭାବର ଲୋକ। ବାହାର ଦୁନିଆ କଥା ସେ କ୍ୱଚିତ ଚିନ୍ତା କରୁଥିଲେ । କେବଳ ଗ୍ରହ ନକ୍ଷତ୍ରର ଅଧ୍ୟୟନରେ ସଦାବେଳେ ବୁଡି ରହୁଥିଲେ । ତେବେ, କେହି ବିଜ୍ଞାନକୁ ଅଯଥା ସମାଲୋଚନା କଲେ ସେ ଭୀଷଣ ରାଗିଯାଉଥିଲେ। ଏପରିକି ହିଂସ୍ର ପାଲଟି ଯାଉଥିଲେ । ସେହିଭଳି ଏକ କାରଣରୁ ତାଙ୍କୁ ଥରେ ନାକ କଟାଇବାକୁ ପଡିଥିଲା। ଆମ ଭାଷାରେ ନାକ କଟାଇବା ଅର୍ଥ ଖୁବ୍ ଅପମାନିତ ହେବା । ତେବେ, ତାଙ୍କର ନାକ କଟିଥିଲା ସତକୁ ସତ।

ଘଟଣାଟି ଏହିଭଳି ଘଟିଥିଲା । ଉତ୍ସବଟିଏ ଚାଲିଥାଏ । ସେଥିରେ ଯୋଗ ଦେଇଥାନ୍ତି ବ୍ରାହେ। ତାଙ୍କୁ ସମସ୍ତେ ଶ୍ରଦ୍ଧା ଓ ସମ୍ମାନ ଦେଖାଉଥାନ୍ତି। ଏକଥା ସେଠାରେ ଉପସ୍ଥିତ ଥିବା ଜଣେ ଇର୍ଷା ପରାୟଣ ସମ୍ଭ୍ରାନ୍ତ ଯୁବକ ଦେହରେ ଗଲା ନାହିଁ । ତେଣୁ ବ୍ରାହେଙ୍କୁ ନ୍ୟୂନ କରି ଦେଖାଇବା ଉଦ୍ଦେଶ୍ୟରେ ସେ ତାଙ୍କ ଗବେଷଣା ପ୍ରତି ଅଯଥା ଆକ୍ଷେପ କରି ନାନା କଥାକହିଲେ। ସେ ଜଣେ ବୈଜ୍ଞାନିକ କିମ୍ୱା ବିଜ୍ଞ ପୁରୁଷ ନ ଥିଲେ । ବିଜ୍ଞାନରେ ତାଙ୍କର କୌଣସି ଦଖଲ ନ ଥିଲା। ତେଣୁ ତାଙ୍କ କଥାକୁ ବେଖାତିର କରି ହସରେ ଉଡାଇ ଦେଇଥିଲେ ଚଳିଥାନ୍ତା । କିନ୍ତୁ କାହିଁକି କେଜାଣି ଅନ୍ୟଥା ଶାନ୍ତ ପ୍ରକୃତିର ବ୍ରାହେ ସେଥିରେ ହଠାତ୍ ରାଗି ଉଠିଲେ ଏବଂ ତାଙ୍କ ସହିତ କଳି କଲେ।

ସେତେବେଳର ପ୍ରଥା ଅନୁସାରେ କୌଣସି ବ୍ୟକ୍ତି ଜଣେ ସମ୍ଭ୍ରାନ୍ତ ଲୋକ ସହିତ କଳି କଲେ ତାଙ୍କୁ ତାଙ୍କ ସହିତ ଖଣ୍ଡାଖେଳ ବା 'ଡୁଏଲ' କରିବାକୁ ପଡୁଥିଲା। ଏଥିପାଇଁ ସ୍ଥାନଟିକୁ ଅନ୍ଧାର କରି ଦେଇ ସେ ଦୁଇ ଜଣଙ୍କୁ ଦୁଇଟି ଖଣ୍ଡା ଧରାଇ ଦିଆଯାଇଥିଲା ଏବଂ ସେମାନେ ଖଣ୍ଡାଯୁଦ୍ଧ ଆରମ୍ଭ କରିଥିଲେ।

ଦୁହେଁ ପ୍ରସ୍ତୁତ ହୋଇଗଲେ। ତେବେ ଯୁବକ ଜଣକ ଥିଲେ ଜଣେ ଦକ୍ଷ ଖଣ୍ଡା ଚାଳକ । ତେଣୁ ଅନ୍ଧାର ଭିତରେ ବ୍ରାହେ ଏପରିକି ତାଙ୍କ ଖଣ୍ଡାର ଝଲକ ଦେଖିବା ଆଗରୁ ନାକ ଅଗରେ ତା'ର ସ୍ପର୍ଶ ଅନୁଭବ କଲେ । ନାକରୁ ସାମାନ୍ୟ କଟିଗଲା।



ଏହାକୁ ନେଇ ବ୍ରାହେ ବେଶ୍ ଦୁଃଖିତ ହେଲେ । ଅନାବଶ୍ୟକ ଭାବେ ରାଗିଥିବାରୁ ଘୋର ଅନୁତାପ କଲେ। ହେଲେ, ପଛରେ ଏକଥା ଭାବି ଆଉ ଲାଭ କ'ଣ ? କଟା ନାକ କାହାରିକୁ ଦେଖାଇବାକୁ ବ୍ରାହେଙ୍କୁ ଲାଜ ଲାଗିଲା। ତେଣୁ କ୍ଷତଟିକୁ ଘୋଡାଇବା ପାଇଁ ସେ ତାଉପରେ ସୁନା ଓ ରୁପାର ମିଶ୍ରଧାତୁର ତିଆରି ପତଳା ପାତଟିଏ ବ୍ୟବହାର କଲେ। ଘରୁ ବାହାରିବା ବେଳେ ସେ ପୋଷାକପତ୍ର ପିନ୍ଧିବାରେ ଯେତିକି ଯତ୍ନ ନେଉଥିଲେ ତା'ଠାରୁ ଅଧିକ ଯତ୍ନ ନେଉଥିଲେ ନାକ ଉପରେ ପାତଟି ଲଗାଇବାରେ ।

–ପ୍ର. ରମେଶ ଚନ୍ଦ୍ର ପରିଡ଼ା
ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭










# ଆଇନା